


# ଜାତୀୟ ଶକ୍ତି ସଂରକ୍ଷଣ ଦିବସ, ୧୪ ଡିସେମ୍ବର ଉପଲକ୍ଷେ

## ବ୍ଲକ୍, ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ
## ସପ୍ତମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଅଂଶଗ୍ରହଣ ନିମନ୍ତେ ଆହ୍ୱାନ କରାଯାଉଛି ।

**ଏହା ଛାତ୍ରଛାତ୍ରୀମାନଙ୍କ ସହଯୋଗରେ ଶକ୍ତି ସଂରକ୍ଷଣ ସଚେତନତା ପ୍ରସାର ଅଭିଯାନର ଏକ ଅଂଶବିଶେଷ । ସେମାନେ ଶକ୍ତି ସଂରକ୍ଷଣ ସମ୍ବନ୍ଧରେ କିଛି ଜ୍ଞାନ ଆହରଣ କରିବା ସହିତ ଅନ୍ୟମାନଙ୍କୁ ପ୍ରୋତ୍ସାହନ କରିପାରିବେ ।**




### ବ୍ଲକସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା

- ବିଦ୍ୟାଳୟର ମୁଖ୍ୟମାନେ ସପ୍ତମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ବ୍ଲକସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା ପାଇଁ ମନୋନୟନ କରିପାରିବେ । ବ୍ଲକସ୍ତରୀୟ ପ୍ରତିଯୋଗିତା ସମସ୍ତ ବ୍ଲକରେ **୬ ଡିସେମ୍ବର, ୨୦୧୫** ରେ ଆୟୋଜନ କରାଯିବ । ଏହି ପ୍ରତିଯୋଗିତାର ଅବଧି ୪୫ ମିନିଟ୍ ଅଟେ । ପିଲାମାନେ ପରୀକ୍ଷାନିମନ୍ତେ ନିଜର ଆବଶ୍ୟକୀୟ ଲିଖନ ଉପକରଣ ଆଣିବେ । ପ୍ରତିଯୋଗିତାର ପ୍ରଶ୍ନୋତ୍ତର ନିମନ୍ତେ ପ୍ରଦତ୍ତ ଅନେକ ଉତ୍ତର ମଧ୍ୟରୁ ଗୋଟିଏ ସଠିକ୍ ଉତ୍ତର ବାଛିବାକୁ ପଡ଼ିବ । ପୌରାଞ୍ଚଳର ଛାତ୍ରଛାତ୍ରୀମାନେ ନିଜ ବ୍ଲକ୍‌ରେ ଭାଗ ନେବେ ।
- ବ୍ଲକସ୍ତରୀୟ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କର କୌଣସି ଖର୍ଚ୍ଚ ବହନ କରାଯିବ ନାହିଁ ।
- ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ବ୍ଲକସ୍ତରୀୟ ପ୍ରତିଯୋଗିତାର ସ୍ଥାନ ଏବଂ ସମୟର ବିବରଣୀ ପାଇବା ପାଇଁ ନିମ୍ନରେ ଦିଆଯାଇଥିବା websiteରୁ ପାଇପାରିବେ ।

### ଜିଲ୍ଲାସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା

- ବ୍ଲକ ଆୟୋଜକଙ୍କ ଦ୍ୱାରା ପ୍ରତି ବ୍ଲକରୁ ୩ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ସେମାନଙ୍କୁ ଜିଲ୍ଲାସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା ପାଇଁ ମନୋନୟନ କରାଯିବ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ସମସ୍ତ ଜିଲ୍ଲାର ସଦର ମହକୁମାରେ **୧୧ ଡିସେମ୍ବର, ୨୦୧୫** ତାରିଖରେ ଆୟୋଜନ କରାଯିବ । ଏହି ପ୍ରତିଯୋଗିତାର ଅବଧି ୪୫ ମିନିଟ୍ ଅଟେ । ପିଲାମାନେ ପରୀକ୍ଷାନିମନ୍ତେ ନିଜର ଆବଶ୍ୟକୀୟ ଲିଖନ ଉପକରଣ ଆଣିବେ । ପ୍ରତିଯୋଗିତାର ପ୍ରଶ୍ନୋତ୍ତର ନିମନ୍ତେ ପ୍ରଦତ୍ତ ଅନେକ ଉତ୍ତର ମଧ୍ୟରୁ ଗୋଟିଏ ସଠିକ୍ ଉତ୍ତର ବାଛିବାକୁ ପଡ଼ିବ ।
- ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କର କୌଣସି ଖର୍ଚ୍ଚ ବହନ କରାଯିବ ନାହିଁ ।
- ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ସ୍ଥାନ ଏବଂ ସମୟର ବିବରଣୀ ନିମନ୍ତେ ନିମ୍ନରେ ଦିଆଯାଇଥିବା website ରୁ ପାଇପାରିବେ ।

### ରାଜ୍ୟସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା

- ଜିଲ୍ଲା ଆୟୋଜକଙ୍କ ଦ୍ୱାରା ପ୍ରତି ଜିଲ୍ଲାରୁ ୩ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ସେମାନଙ୍କୁ ରାଜ୍ୟସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଯୋଗଦେବା ନିମନ୍ତେ ଭୁବନେଶ୍ୱରକୁ ଆମନ୍ତ୍ରଣ କରାଯିବ । ଏହି ପ୍ରତିଯୋଗିତାଟି **୧୩.୧୨.୨୦୧୫,** ସମୟ-ଅପରାହ୍ନ ୩.୩୦ ରେ ଅନୁଷ୍ଠିତ ହେବ ।
- ଭୁବନେଶ୍ୱରରେ ୧୪.୧୨.୨୦୧୫ଦିନ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ଉତ୍ସବରେ ସମସ୍ତ ପୁରସ୍କାର ବଣ୍ଟନ କରାଯିବ ।
- କେବଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଉଥିବା ପ୍ରତିଯୋଗୀ ଓ ତାଙ୍କ ସହିତ କେବଳ ଜଣେ ଶିକ୍ଷକ / ଅଭିଭାବକଙ୍କର ଗ୍ରସ୍ତ ଖର୍ଚ୍ଚ ରାଜ୍ୟ ସରକାରଙ୍କ ନିୟମାନୁଯାୟୀ ବହନ କରାଯିବ ।
- ସମସ୍ତ ପ୍ରତିଯୋଗୀମାନେ ୧୪.୧୨.୨୦୧୫ଦିନ ଆୟୋଜିତ ହେଉଥିବା ପଦଯାତ୍ରାରେ ଭାଗ ନେବେ ।
- ମନୋନୀତ ୪୦ ଜଣ ଛାତ୍ର/ଛାତ୍ରୀମାନଙ୍କୁ ୩ଟି ବିଭାଗରେ ଯଥା ପ୍ଲାଟିନମ୍, ସ୍ୱର୍ଣ୍ଣ ଏବଂ ରୌପ୍ୟ ପୁରସ୍କାର ପ୍ରଦାନ କରାଯିବ ।

**ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ୧୪ ଡିସେମ୍ବର ୨୦୧୫ଦିନ ଆୟୋଜିତ ହେଉଥିବା ବ୍ଲକ, ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ପଦଯାତ୍ରା କାର୍ଯ୍ୟକ୍ରମରେ ଭାଗ ନେବା ସହିତ ଶକ୍ତି ସଂରକ୍ଷଣ ଅଭିଯାନରେ ସହଯୋଗ କରନ୍ତୁ ।**

**ବି.ଦ୍ର. କେବଳ ଓଡ଼ିଶାର ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ । ବିଚାରକ ମଣ୍ଡଳି / ଆୟୋଜକମାନଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ସବୁସ୍ତର ପାଇଁ ଅନ୍ତିମ ଅଟେ ।**

**ବ୍ଲକ ପୁରସ୍କାର:** ପ୍ରଥମ-ଟ୭୦୦/-, ଦ୍ୱିତୀୟ-ଟ୫୦୦/-, ତୃତୀୟ-ଟ୩୦୦/-

**ଜିଲ୍ଲା ପୁରସ୍କାର:** ପ୍ରଥମ-ଟ୧୦୦୦/-, ଦ୍ୱିତୀୟ-ଟ୭୦୦/-, ତୃତୀୟ-ଟ୫୦୦/-

**ରାଜ୍ୟ ପୁରସ୍କାର:** ପ୍ଲାଟିନମ୍- ଟ୫୦୦୦/- (୫ଟି), ସ୍ୱର୍ଣ୍ଣ- ଟ୩୦୦୦/- (୧୦ଟି), ରୌପ୍ୟ- ଟ୨୦୦୦/-(୨୫ଟି)

ସ୍ଥାନ ଓ ସମୟ ପାଇଁ ଦେଖନ୍ତୁ, **www.orienvis.nic.in, www.as1.ori.nic.in/eicelectricity, www.cesorissa.org**

ENERGY IS LIFE **ସହଯୋଗ:**
ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବି.ଇ.ଇ.)
କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ, ନୂଆଦିଲ୍ଲୀ
CONSERVE IT

**ପ୍ରାୟୋଜକ -**
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ଓ ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ,
ରାଜ୍ୟପଦାଧିକାରୀ ସଂସ୍ଥା (ଏସ୍.ଡି.ଏ),
ଶକ୍ତି ବିଭାଗ, ଓଡ଼ିଶା ସରକାର ।

**ସହାୟତା-**
ସେଣ୍ଟର ଫର ଏନ୍‌ଭାଇରନ୍‌ମେଣ୍ଟାଲ୍ ଷ୍ଟଡିଜ
ଜଙ୍ଗଲ ଓ ପରିବେଶ ବିଭାଗ
ଓଡ଼ିଶା ସରକାର

**ପ୍ରଭାତ ମୋହନ ଦାଶ, ରାଜ୍ୟ ନୋଡାଲ ଅଧିକାରୀ**
ଫୋନ-୦୬୭୪୨୫୫୧୮୫୩, cesodisha@gmail.com
ମୋବାଇଲ-୯୪୩୭୧୦୫୧୬୭/ ୯୯୩୭୩୭୨୦୭୪/
୯୪୩୮୮୨୬୫୦୭ /୯୪୩୮୧୮୮୨୬୯

**PARTICIPATE IN ODISHA STATE ENERGY CONSERVATION AWARD 2015**

Please visit: **www.as1.ori.nic.in/eicelectricity / awards.aspx** for details on ODISHA STATE ENERGY CONSERVATION AWARD 2015
a unique opportunity for MSMEs, IT Industries, Hospitals, Educational Institutions, Commercial Buildings and Hotels of Odisha to show case Energy Conservation best practices.

**ନିଜର ଏବଂ ଦେଶର ଉନ୍ନତି ନିମନ୍ତେ ଶକ୍ତି ସଞ୍ଚୟ କରନ୍ତୁ ।**